## ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ନିଆଳି ଚାମ୍ପିଅନ




**ନୟାହାଟ,୧୩।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଈଶାଣପୁର ପଞ୍ଚାୟତର ମଧୁବନ ଗ୍ରାମରେ ମା' ବାଇଦେଇ କ୍ରିକେଟ୍ କ୍ଲବ୍ ପକ୍ଷରୁ ଦିବାରାତ୍ର ୧୫ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳକୁ ପରାସ୍ତ କରି ନିଆଳି ଚାମ୍ପିଅନ ହୋଇଛି। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ୱିକେଟ୍ ହରାଇ ୮୦ ରନ୍ କରିଥିଲା। ଏହାର ଜବାବରେ ନିଆଳି ଦଳ ୯ ଓଭର ଖେଳି ୫ ୱିକେଟ୍ ହରାଇ ୮୧ ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ନଖରା ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଢେଙ୍କାନାଳ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂ. କୁମାର ସ୍ୱାଇଁ, ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟିର ଉପସଭାପତି ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ଲବ୍‌ର ସବ୍ୟସାଚୀ ସାହୁ, ଜୟନ୍ତ ସାହୁ, କାର୍ତ୍ତିକ ପଲେଇ, ସୌମ୍ୟରଞ୍ଜନ ସାହୁ, ରାକେଶ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସ୍ୱଚ୍ଛତା ଅଭିଯାନ ବାଟବଣା; କେନାଲ ପାଲଟିଛି ଡମ୍ପିଂୟାର୍ଡ

**ଅସ୍ତରଙ୍ଗ,୧୩।୪(ସମିସ)**

କାକଟପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ବିଭିନ୍ନ କେନାଲ ଏବେ ଡମ୍ପିଂୟାର୍ଡ ପାଲଟିଛି। ଜଳବାୟୁ ପରିବର୍ତ୍ତନ ଓ ବାୟୁମଣ୍ଡଳ ପ୍ରଦୂଷଣ ଯୋଗୁଁ ବର୍ଷା ଋତୁରେ ମଧ ନିୟମିତ ବର୍ଷା ହେଉନି। ଏଥିପାଇଁ ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥା କରି ସୁବିଧାରେ କୃଷକମାନେ ଚାଷ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ କେନାଲ୍ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ସର୍ବସାଧାରଣଙ୍କ କାର୍ଯ୍ୟରେ ଲାଗୁଥିବା କେନାଲଗୁଡ଼ିକୁ କେନାଲ ସନ୍ନିକଟ ବାସିନ୍ଦାମାନେ ଅଳିଆ ଆବର୍ଜନାରେ ପୋତି ପକାଇଛନ୍ତି। ଫଳରେ ଜଳସମ୍ପଦ ବିଭାଗ ପକ୍ଷରୁ କାକଟପୁରଠାରୁ ଆରମ୍ଭ କରି ଅସ୍ତରଙ୍ଗ ପର୍ଯ୍ୟନ୍ତ କେନାଲ ରହିଥିଲେ ମଧ ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟସ୍ଥ କେନାଲରେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବାରୁ ଖରିଫ୍ ସମୟରେ କେନାଲରେ ଜଳ ସ୍ରୋତ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥି ସହିତ ତଳ ମୁଣ୍ଡ ଚାଷ ଜମିକୁ କେନାଲ ପାଣି ଯାଇପାରିବ ନାହିଁ।

ସେହି କେନାଲ ଅସ୍ତରଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବଜାର ଦେଇ ଯାଇଛି। ଯଦି ବର୍ଷା ପୂର୍ବରୁ କେନାଲ ସଫା ନ ହୁଏ, ତେବେ ବର୍ଷା ଦିନରେ ପାଣି ନିଷ୍କାସନ ହୋଇପାରିବ ନାହିଁ। ଯାହାଫଳରେ କେନାଲରେ ରହିଥିବା ଅଳିଆ ଆବର୍ଜନା ପଚି ସଡ଼ି ସ୍ଥାନୀୟ



ପରିବେଶ ପ୍ରଦୂଷଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମୁଖ୍ୟ ବଜାରରେ ରହୁଥିବା ସାଧାରଣ ଲୋକ, ସ୍ଥାନୀୟ ବାସିନ୍ଦା ବିଭିନ୍ନ ସଂକ୍ରମଣର ଶିକାର ହେବେ। ଜଳ ସହିତ ବାୟୁ ପ୍ରଦୂଷଣର ସମ୍ଭାବନା ଯଥେଷ୍ଟ ରହିଛି। ଏ ନେଇ ବିଭାଗ ପକ୍ଷରୁ ବାରମ୍ବାର

**ଆମଦାନୀ ହେଉଛି ଅନେକ ପ୍ରକାରର ରୋଗ**

ତାଗିଦ୍ କରାଯାଉଥିଲେ ମଧ କେତେକ ହୋଟେଲ ବ୍ୟବସାୟୀ ଓ ଅସ୍ତରଙ୍ଗ ବଜାରର ମାତ୍ରାଧିକ ବର୍ଜ୍ୟବସ୍ତୁକୁ ଲୋକମାନେ କେନାଲରେ ପକାଇଛନ୍ତି। ପୁଲିସ ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ ଏ ନେଇ ନିରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ସରକାର ପ୍ରତି ବର୍ଷ କେନାଲ୍ ନିର୍ମାଣ କରିବା ସହିତ ସଫା କରିବା ପାଇଁ ଜଳସମ୍ପଦ ବିଭାଗ ବାର୍ଷିକ କୋଟି କୋଟି ଟଙ୍କା ବ୍ୟୟ କରିଥା'ନ୍ତି। ମୁଖ୍ୟ କେନାଲଗୁଡ଼ିକ ଚାଷ ପାଇଁ ଗୁରୁତ୍ୱ ବହନ କରୁଛି। କେନାଲର ଏପରି ଦୁରବସ୍ଥା ଦେଖି ଚାଷୀମାନେ ଏବେ କେନାଲ୍ ଉପରେ ଆସ୍ଥା ପ୍ରକଟ କରିପାରୁନାହାନ୍ତି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ରହୁଥିବା ସ୍ଥାନୀୟ ବାସିନ୍ଦା ଓ କୋମଳମତି ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ଚାଷୀମାନଙ୍କୁ ଦୃଷ୍ଟିରେ ରଖି କେନାଲ୍‌ଗୁଡ଼ିକ ସଫା କରିବା ପାଇଁ ସାଧାରଣରେ ଦାବି କରାଯାଉଥିବାବେଳେ ସ୍ୱଚ୍ଛତା ଜାରି ରଖିବା ପାଇଁ ଜନସଚେତନତା ଅପରିହାର୍ଯ୍ୟ ହୋଇପଡ଼ିଛି।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର



**ଗମ୍ଭାରୀପଦା,୧୩।୪(ସମିସ):** ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ମୋଟ ୩୮ ଜଣ ଅଭିଯୋଗକାରୀଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇଛି। କାକଟପୁର ବ୍ଲକ୍‌ର ୧୬ଟି ପଞ୍ଚାୟତ ଥିବାବେଳେ ଏତେ କମ୍ ସଂଖ୍ୟକ ଅଭିଯୋଗ ଆସିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଜନଶୁଣାଣି ଶିବିର ଉପରୁ ସାଧାରଣ ଲୋକଙ୍କ ଆସ୍ଥା ତୁଟି ଯାଇଥିବାକୁ କେତେକ ପ୍ରମୁଖ କାରଣ ବୋଲି କହୁଥିବାବେଳେ ଆଉ କେତେକ ପ୍ରଚାରପ୍ରସାର ଅଭାବରୁ ଗ୍ରାମାଞ୍ଚଳର ସାଧାରଣ ଲୋକମାନେ ଅନୁଷ୍ଠିତ ଶିବିର ବାବଦରେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ଯଦିଓ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କିନ୍ତୁ ବାସ୍ତବରେ ଜିଲ୍ଲାପାଳ ଅନୁପସ୍ଥିତ ଏବଂ ଜିଲ୍ଲାର ପ୍ରାୟ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଶିବିର ପ୍ରତି ସାଧାରଣ ଜନତାଙ୍କୁ ବିମୁଖ କରିଥିଲା। ଏଡିଏମ୍ ଶରତ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶିବିରରେ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ତହସିଲ୍‌ଦାର, ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ଏସ୍‌ଡିପିଓ ନିମାପଡ଼ା, ଆଇଆଇସି ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଳ୍ପ ସଂଖ୍ୟକ ଅଭିଯୋଗ ଆସିଥିବା ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଦୀକ୍ଷିତ କୁହନ୍ତି ଯେ, ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଥିବାର ଆମେ ପ୍ରତି ସରପଞ୍ଚଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇଥିଲୁ। ମୁଁ ମୋ ତରଫରୁ ପ୍ରତିଦିନ ଆସୁଥିବା ଅଭିଯୋଗଗୁଡ଼ିକର ସମାଧାନ କରିଥିବାରୁ ଆଉ ବିଶେଷ ଅଭିଯୋଗ ଏହି ଶିବିରକୁ ଆସିପାରିନାହିଁ।

## ମା' ତାରେଣୀ ଦେବୀଙ୍କ ବାର୍ଷିକ ଉତ୍ସବ

**ଚାରିଛକ,୧୩।୪(ସମିସ):** ଚାରିଛକ ନିକଟସ୍ଥ ଅଳକୁଣ୍ଡ ଛକ ଆନନ୍ଦବଜାର ମା' ତାରେଣୀଙ୍କ ୨୭ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ବ୍ୟାପୀ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶୁକ୍ରବାର ନିକଟସ୍ଥ କାଦୁଆ ନଦୀରୁ ଭକ୍ତମାନେ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ପୂଜକ ରାଜକିଶୋର ମିଶ୍ର ଓ ସାଥିମାନଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। କର୍ତ୍ତାଭାବେ ବିଶ୍ୱମ୍ଭର ନାୟକ ଓ ଆରତୀ ନାୟକ ପୂଜାକାର୍ଯ୍ୟରେ ବସିଥିଲେ। ମଙ୍ଗଳବାର ମହାବିଷୁବ ପଣାସଂକ୍ରାନ୍ତି ଦିନ ପୂର୍ଣ୍ଣାହୁତି କରାଯିବ। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ନାମ ସଂକୀର୍ତ୍ତନ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମା' ତାରେଣୀ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମଙ୍ଗଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**କାକଟପୁର,୧୩।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ମଙ୍ଗଳା ମହାବିଦ୍ୟାଳୟ, କାକଟପୁରର ଯୁବ ରେଡ୍‌କ୍ରସ୍ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହିତ ଆୟୋଜିତ ହୋଇଛି। ଏହି ଶିବିରରେ ମୋଟ୍ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଲେଜର ଏନ୍‌ସିସି, ରେଞ୍ଜର-ରୋଭର ଏବଂ ଏନ୍‌ଏସ୍‌ଏସ୍ ସକ୍ରିୟ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଗହର ଆବେଦିନ "ରକ୍ତଦାନ ମହାଦାନ' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ରକ୍ତଦାନ ପାଇଁ ପ୍ରେରିତ କରିଥିଲେ। ଏହି ଶିବିରକୁ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ସୌମ୍ୟ ରଞ୍ଜନ ଦଳାଇ, ଏନ୍‌ସିସି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଏନ୍‌ଏସ୍‌ଏସ୍ ଅଧିକାରୀ ମନୋଜ କାଣ୍ଡି ଏବଂ ରେଞ୍ଜର-ରୋଭର ଅଧିକାରୀ ସୁବ୍ରତ ନାୟକ ପରିଚାଳନା କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ନୟାହାଟ,୧୩।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଈଶାଣପୁର ପଞ୍ଚାୟତର କଦମ୍ବପାଟଣା ଗ୍ରାମର ବୁଦ୍ଧି ସାମଲ (୮୬)ଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି ଶୋକ ପ୍ରକାଶ କରିଛନ୍ତି। ସେ ଜଣେ ଦୟାଳୁ ଓ ପରୋପକାରୀ ଲୋକ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଝୋଟି ଓ ପିଠା ବାସ୍ନାରେ ମହକିଲା 'ଓଡ଼ିଆଣୀ' ପ୍ରତିଯୋଗିତା



**ଡେଲାଙ୍ଗ,୧୩।୪(ସମିସ):** ଓଡ଼ିଆଙ୍କ କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟକୁ ଉଜ୍ଜିବିତ କରିବା ପାଇଁ ଉତ୍କଳ ଦିବସଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ସୋମବାର ହେଉଛି ପାରମ୍ପରିକ ଖାଦ୍ୟର ପକ୍ଷ। ଏହି ଅବସରରେ ଡେଲାଙ୍ଗ ବ୍ଲକ୍ ପ୍ରଶାସନ ପକ୍ଷରୁ ଗୁଆଳିପଡ଼ାସ୍ଥିତ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ "ଓଡ଼ିଆ ପକ୍ଷ' ପାଳିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ୍ ଉନ୍ନୟନ ଅଧିକାରୀ ସମୀର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବିଜେପି ରାଜ୍ୟ ଉପସଭାପତି ଜତିନ୍ ମହାନ୍ତି, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାକ୍ତନ ସୂଚନା ଆୟୁକ୍ତ ଶଶୀପ୍ରଭା ବିନ୍ଧାଣୀ, ପ୍ରାକ୍ତନ ଏନ୍‌ଟିପିସି ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ରାଜ୍ୟ ପ୍ରଗତିଶୀଳ ମଞ୍ଚ ଅଧ୍ୟକ୍ଷା ମମତା ସାମନ୍ତରାୟ, ସଙ୍ଗୀତ ବିଶାରଦ ରୁଦ୍ରନାରାୟଣ ମହାନ୍ତି, ବିଜେପି ଜିଲ୍ଲା ସମ୍ପାଦକ ଗଙ୍ଗାଧର ବରାଳ, ସିଡିପିଓ ଜାପାନୀ ମିତ୍ର, ପଞ୍ଚାୟତ ମହିଳା ସଂଘ ସଭାପତି ଲିଲିମାଳୀ ସାହୁ, ସମ୍ପାଦିକା ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି "ଓଡ଼ିଆ ପକ୍ଷ' ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆର୍‌ସିସି ସୁଦିପ୍ତ ପରିଡ଼ା ସଭା ସଂଯୋଜନା କରିଥିଲେ। ସେହିପରି ଓଡ଼ିଆଙ୍କ କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟକୁ ଉଜ୍ଜିବିତ ରଖିବା ପାଇଁ ମହିଳା ସଂଘର ସଦସ୍ୟାମାନଙ୍କୁ ନେଇ ଓଡ଼ିଆଣୀ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମହିଳାମାନଙ୍କ ଦ୍ୱାରା ଆରିଶା ପିଠା, ପୋଡ଼ପିଠା, ହାଲୁଆ, ମଟର ତରକାରୀ, ଡାଲମା, ଚକୁଳି ପିଠା, ଖେଚୁଡ଼ି, ଅନ୍ନ, ଚିତଉ ପିଠା, ରାଶି ଲଡୁ, ଚାଉଳ ଖିରି, ନଡ଼ିଆ ପିଠା, ହାଣ୍ଡି ପିଠା, କାଞ୍ଜି, ମୁଠି ମୁଆଁ, ସରୁ ଚକୁଳି, ସେକାବରା ପ୍ରଭୃତି ୬୦ରୁ ଊର୍ଦ୍ଧ୍ୱ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଗୁଆଳିପଡ଼ା ପଞ୍ଚାୟତର ମହିଳା ସଂଘର ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଓଡ଼ିଆ ନବବର୍ଷ ପାଳିଲେ ଓଏଭି ଛାତ୍ରଛାତ୍ରୀ**

## ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ନେଲେ ସଂକଳ୍ପ



**କୋଣାର୍କ,୧୩।୪(ସମିସ):** ମହାବିଷୁବ ସଂକ୍ରାନ୍ତିର ଅବ୍ୟବହିତ ପୂର୍ବରୁ ସୋମବାର କୋଣାର୍କ ନିକଟ କୁଞ୍ଜସ୍ଥିତ କାକଟପୁର ବ୍ଲକ୍‌ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରଛାତ୍ରୀ ଓଡ଼ିଆ ନବବର୍ଷ ପାଳନ କରିବା ସହିତ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। ଅର୍କକ୍ଷେତ୍ର କୋଣାର୍କର ସାଂସ୍କୃତିକ ସଂଗଠନ ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏଭିର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନର ସମ୍ପାଦକ ବିରଞ୍ଚି ନାରାୟଣ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ମୁଖ୍ୟ ଅତିଥି, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିରୂପେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଜିତ୍ ସ୍ୱାଇଁ, ଶିକ୍ଷକ ଭାଗିରଥୀ ପାଇକରାୟ, ଶିକ୍ଷକ ଫିଲୁ ଦଳାଇ ଓ ଶିକ୍ଷୟିତ୍ରୀ ସମିତା ପ୍ରଧାନ ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ଶିକ୍ଷକ ସୁମନ୍ତ ଶତପଥୀ। କଳା ଶିକ୍ଷକ ମାଧବ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ୍ତ ପ୍ରଧାନ ଓ ସବିତା ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଚାରିଛକ,୧୩।୪(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ସୋମବାର ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସ ଅବସରରେ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି ଓଡ଼ିଆ ପକ୍ଷ-୨୦୨୬ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଭିଯାନ। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବରେ ଶୁଭ ଉଦ୍‌ଘାଟନ କରି ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଏନ୍‌ସିସି ବିଭାଗ ମେଜର ପୁଷ୍ପଲତା ଦତ୍ତ, ମହାବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସ ସଂଯୋଜିକା ତଥା ପରୀକ୍ଷା ନିୟନ୍ତ୍ରିକା ଡ. ଶ୍ରୀଲେଖା ନାୟକ, ଜାତୀୟ ସେବା ଯୋଜନାର ସଂଯୋଜିକା ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଏହି ଶିବିରକୁ ସଫଳତାର ସହ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି, ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପିକା ସୁଲୋଚନା ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ, ଅଧ୍ୟାପିକା ପୂଜା ବେହେରା, ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଡିଇଓ ଦିବାକର ବେହେରା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ୍ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ମଟନ ଦୋକାନରୁ ଚୋରି ଛେଳି ଜବତ; ବେପାରୀ ଅଟକ

**ଚାରିଛକ,୧୩।୪(ସମିସ):** ସୋମବାର ସନ୍ଧ୍ୟାରେ ଚାରିଛକ ପୁଲିସ ଚାରିଛକ ବଜାରରୁ ଚୋରି ଛେଳି, ମେଣ୍ଢା କିଣିଥିବା ଅଭିଯୋଗରେ ଜଣେ ମଟନ ବ୍ୟବସାୟୀକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଚାରିଛକ ଥାନା ଅଞ୍ଚଳରୁ ବାରମ୍ବାର ଛେଳି, ମେଣ୍ଢା ଚୋରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଚାରିଛକ ବଜାରର ଜଣେ ମଟନ୍ ବ୍ୟବସାୟୀଠାରୁ ସୋମବାର ଚାରିଛକ ପୁଲିସ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛେଳି ଜବତ କରିବା ସହିତ ବେପାରୀ ସେକ୍ ପଦୁକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ନିଆଳି ଥାନା ଅନ୍ତର୍ଗତ ପିତାପଡ଼ା ଗ୍ରାମର ଚକ୍ରଧର ମୁଦୁଲିଙ୍କ ଘରୁ ଗତ ୪ ତାରିଖରେ ୩ଟି ଖାସି ଛେଳି ଓ ୧୧ ତାରିଖ ରାତିରେ ୨ଟି ମାଈ ଛେଳି ଚୋରି ଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପଦୁ ମଟନ ଦୋକାନରେ ଉକ୍ତ ଚୋରି ଛେଳି ବନ୍ଧା ହୋଇଥିବା ନେଇ ଚକ୍ରଧର ମଟନ ଦୋକାନୀ ପଦକୁ ପଚାରିବାରୁ ସେ କହିଲା ମୁଁ ବେପାରୀଠାରୁ କିଣିଛି। ଅଭିଯୋଗ କ୍ରମେ ପୁଲିସ ପଦୁ ମଟନ ଦୋକାନରେ ଚଢ଼ଉ କରିବା ସହ ରଖିଥିବା ୧୦ରୁ ଊର୍ଦ୍ଧ୍ୱ ଚୋରି ଛେଳିକୁ ଥାନାକୁ ଆଣିବା ପରେ ଅଭିଯୋଗକାରୀ ତାଙ୍କ ଛେଳିକୁ ଚିହ୍ନଟ କରିଥିଲେ। ଏହି ଛେଳି ଚୋରିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଖୁବ୍‌ଶୀଘ୍ର ଧରାହେବେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

**● ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

## ସନ୍ତୁର୍ ବାଦନରେ ଶ୍ରୋତା ବିଭୋର

**ସାକ୍ଷୀଗୋପାଳ,୧୩।୪(ସମିସ):** ସତ୍ୟବାଦୀସ୍ଥିତ ବଡ଼ହାଟ ଗ୍ରାମରେ ଥିବା ରାମହରି ଦାସ ଓଡ଼ିଶୀ ଗୁରୁକୁଳ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ଡ. ବିଜୟ କୁମାର ଜେନା, ବିଶିଷ୍ଟ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତି ଏବଂ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଚିବ କ୍ଷୀରୋଦ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଉକ୍ତ ସନ୍ଧ୍ୟାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବାଲେଶ୍ୱରର ନନ୍ଦ କିଶୋର ଦାସଙ୍କ ଦ୍ୱାରା ପ୍ରସ୍ତୁତ ଏକକ ସନ୍ତୁର ବାଦନରେ। ଯାହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପରେ ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ପ୍ରୀତିଶା ମହାପାତ୍ର ଏବଂ ଐଶ୍ୱର୍ଯ୍ୟା ସିଂହଦେଓଙ୍କ ଦ୍ୱୈତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ଅନୁଗୁଳର ବିଶିଷ୍ଟ ନୃତ୍ୟଗୁରୁ ସ୍ୱପ୍ନରାଣୀ ସିଂହାଙ୍କ ନେତୃତ୍ୱରେ ବୃନ୍ଦ ଓଡ଼ିଶୀ ନୃତ୍ୟ। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ "ନୃତ୍ୟ ଉନ୍ମାଦନା' ପ୍ରଦର୍ଶନ ହୋଇଥିଲା। ଅନନ୍ୟା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସ, ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ, ସମ୍ପାଦକ ଡ. ହିମାଂଶୁ ଶେଖର ସ୍ୱାଇଁଙ୍କ ସମେତ ଅନ୍ୟ ନ୍ୟାସୀ ଓ ସହଯୋଗୀ କର୍ମୀ, ଛାତ୍ରଛାତ୍ରୀମାନେ ଉତ୍ସବକୁ ସୁପରିଚାଳନା କରିଥିଲେ।

## ବାହାଘର ଶୋଭାଯାତ୍ରାରେ ଅଘଟଣ; ବାଣ ଫୁଟି ଯୁବକ ଗୁରୁତର

**ଗୋପ,୧୩।୪(ସମିସ):** ସୋମବାର ରାତି ସାଢ଼େ ୯ଟା ବେଳେ କୋଣାର୍କ ନିକଟବର୍ତ୍ତୀ ଅନସରାଠାରେ ଏକ ବିବାହ ଉତ୍ସବ ସମୟରେ ଅଘଟଣ ଘଟିଛି। ବରଯାତ୍ରୀ ଭାବରେ ଯାଇ ବାଣ ଫୁଟାଇବାବେଳେ ସେହି ଗ୍ରାମର ସଂଗ୍ରାମ ସେଠ୍ (୨୭) ନାମକ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ତାଙ୍କ ବାମ ହାତର ପାପୁଲିଟି କ୍ଷତିଗ୍ରସ୍ତ ହୋଇଥିବା ଡାକ୍ତର ଶିବପ୍ରସାଦ ମଙ୍ଗରାଜ କହିଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ପ୍ରକାଶ ଯେ, ସେହି ଅଞ୍ଚଳର ଜଣେ ଯୁବକଙ୍କ ବିବାହ ଉତ୍ସବ ସରିବା ପରେ ରୋଷଣୀ ମାଧ୍ୟମରେ ଘରକୁ ଯାଉଥିଲେ। ସଂଗ୍ରାମ ତାଙ୍କର ଜଣେ ସାଙ୍ଗ ହୋଇଥିବାରୁ ରୋଷଣୀ ଭିତରେ ଏକ ବାଣ ଧରି ଫୁଟାଉଥିଲେ। ହଠାତ୍ ତାଙ୍କ ବାମ ହାତରେ ବାଣଟି ଫୁଟି ଯାଇଥିଲା। ବିବାହ ଉତ୍ସବରେ ଏପରି ଅଘଟଣ ଘଟିବା ପରେ ସଙ୍ଗେ ସଙ୍ଗେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡ୍ୟୁଟିରେ ଥିବା ଡାକ୍ତର ଶିବପ୍ରସାଦ ମଙ୍ଗରାଜ ପ୍ରାଥମିକ ଚିକିତ୍ସା କରିବା ପରେ ଭୁବନେଶ୍ୱର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଯୁବକଙ୍କ ବାମ ହାତ ପାପୁଲି ସହିତ କେତେକ ଆଙ୍ଗୁଠି କ୍ଷତିଗ୍ରସ୍ତ ହୋଇଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି।

# କୋଠିରେ ଦଣ୍ଡ ଯାତ୍ରା ଉଦ୍‌ଯାପିତ



**କଣାସ,୧୩।୪(ସମିସ)**

କଣାସ ବ୍ଲକ୍‌ରେ ବିଭିନ୍ନ ଗ୍ରାମରେ ଭୋଗତାମାନେ ଦଣ୍ଡ ଯାତ୍ରାରେ ସାମିଲ୍ ହୋଇ ନିଷ୍ଠାର ସହିତ ଦଣ୍ଡ ଯାତ୍ରା ପାଳନ କରୁଛନ୍ତି। କଣାସ ଗ୍ରାମର କାମନା ଠାକୁରଙ୍କ ଭୋଗତାମାନେ କନ୍ୟା ସଂକ୍ରାନ୍ତିଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ନିଷ୍ଠାର ସହିତ ପିଆଜ, ରସୁଣ, ଆମିଷ ତ୍ୟାଗ କରି କାହା ପାଗରେ ନଖାଇ ଦଣ୍ଡ ଯାତ୍ରାରେ ସାମିଲ୍ ହୋଇଥିଲେ। ୨୧ ଦିନ କାମନା ଠାକୁରାଣୀଙ୍କ ପୀଠରେ ଭୋଗତାମାନେ ରହି ପଣା ଖାଇ ରହୁଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଭୋଗତାମାନେ ଠାକୁରଙ୍କୁ ଧରି ହକ ଡାକି, ଝୁଣା ଜାଳି ଗାଁ ଗାଁ ବୁଲୁଥିଲେ। ହିନ୍ଦୁ ଧର୍ମରେ ଦଣ୍ଡ ଯାତ୍ରା ପାଇଁ ଅଗାଢ଼ ବିଶ୍ୱାସ ଥିବାରୁ ବହୁ ମାନସିକଧାରୀ ଠାକୁର ବୁଲିବା ସମୟରେ ଗ୍ରାମ ଦାଣ୍ଡରେ ଶୋଇ ରହିଥିଲେ। ସୋମବାର ଦଣ୍ଡ ଯାତ୍ରା ଶେଷ ଦିନ ଥିବାରୁ ପ୍ରବଳ ଉତ୍ତାପ ସତ୍ତ୍ୱେ ଭୋଗତାମାନେ କୋଠିରେ ନିଆଁ ଜାଳି ଚାଲିବା ସହିତ କଣ୍ଟାରେ ଗଡ଼ିଥିଲେ। ମଙ୍ଗଳବାର ପଣା ସଂକ୍ରାନ୍ତି ଥିବାରୁ ଭୋଗତାମାନେ ଠାକୁରଙ୍କ ପୀଠରେ ଭୋଜି କରି ଖାଇବା ପରେ ନିଜ ନିଜ ଗୃହକୁ ଫେରିଯିବେ।


**ବ୍ରହ୍ମଗିରି:** ସୋମବାର ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦଣ୍ଡ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଦଣ୍ଡ ଉତ୍ସବ ଦୀର୍ଘ ୨୧ଦିନ ଧରି ବିଭିନ୍ନ ସ୍ଥାନରେ ପରିବେଷଣ ହୋଇଥିଲା। ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ତରମାଳ ପଞ୍ଚାୟତ ନୂଆପଡ଼ା ଗ୍ରାମରେ ମା' କାଳିକା ଏବଂ ବଡ଼ବେଣାକୁଦ ଗ୍ରାମରେ ମା' କାଳିକା ଓ ମଣପଡ଼ା ପଞ୍ଚାୟତ ଭୁବନପତି ଗ୍ରାମରେ ମା' ବରଦା କାଳିକା ସହିତ କୃଷ୍ଣପ୍ରସାଦ ବ୍ଲକ୍ ଗୋପୀନାଥପୁର ଗ୍ରାମରେ କାଳିକାଙ୍କ ପୀଠରେ ଦଣ୍ଡ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୨୧ଦିନ ଧରି ଦଣ୍ଡୁଆ ସେବକମାନେ ପଣା ସେବନ କରି ରହିଥା'ନ୍ତି। ଉଦ୍‌ଯାପନି ବା ଶେଷ ଦିନ ଦ୍ୱିପ୍ରହର ସମୟରେ ଧୂଳି ଦଣ୍ଡ ଖେଳିବା ସହିତ କୋଇଲି ଖିଆ କଣ୍ଟାରେ ଠାକୁରଙ୍କ ସହିତ ୨୧ଜଣ ପାଟ ଭୋଗତା ଜଣକ ପରେ ଜଣେ ଖାଲି ଦେହରେ ଗଡ଼ି ଥାଆନ୍ତି। ସନ୍ଧ୍ୟା ସମୟରେ ଏକ ଯଜ୍ଞକୁଣ୍ଡ ସ୍ଥାପନ ହୋଇ ସେଥିରେ ଅଗ୍ନି ସଂଯୋଗ କରାଯାଇଥାଏ। ସେହି କୁଣ୍ଡରେ ୨୧ଜଣ ପାଟ ଭୋଗତା ଜଣକ ପରେ ଜଣେ ଅଗ୍ନି ପରୀକ୍ଷା ଦେଇଥିଲେ। ଏହା ପରେ ଠାକୁରଙ୍କ ବିଭିନ୍ନ ପ୍ରକାର ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରାଯାଇଥିଲା।

## ଦୟା ନଦୀରେ ଗ୍ରାମେଶ୍ୱରଙ୍କ ଚାପ ଖେଳ

**କଣାସ,୧୩।୪(ସମିସ):** ଓଡ଼ିଶା ପରମ୍ପରାର ଅନ୍ୟତମ ପର୍ବ ହେଉଛି ଚୈତ୍ର ମାସ ମେରୁ ପର୍ବ। ମକର ସଂକ୍ରାନ୍ତିଠାରୁ ବିଷୁବ ସଂକ୍ରାନ୍ତି ଯାଏ ମାନସିକଧାରୀମାନେ କାଷ୍ଠା ଓ ନିଷ୍ଠାର ସହିତ ନିଜର ବ୍ରତ ପାଳନ କରି ଆସୁଛନ୍ତି। ଠାକୁରଙ୍କୁ ଡଙ୍ଗାରେ ଚାପ ଖେଳେଇଥାନ୍ତି। ପୁରୀ ଜିଲ୍ଲାର କଣାସ ମୁଖ୍ୟତଃ ମତ୍ସ୍ୟଚାଷଙ୍କ ଅଞ୍ଚଳ। ଏଠାକାର ଲୋକମାନେ ଭଗବାନଙ୍କ



ଉପରେ ଅତୁଟ ବିଶ୍ୱାସ ରଖିଥାନ୍ତି। ଚୈତ୍ରମାସରେ ଜାଗୁଳାଇପଦର ଗ୍ରାମର ଲୋକମାନେ ମାସାଧିକ କାଳ ମାନସିକ କରିଥାନ୍ତି। ଗ୍ରାମଦେବତା ପ୍ରଭୁ ଗ୍ରାମେଶ୍ୱରଙ୍କ ନିକଟରେ ୧୫ରୁ ୨୧ ଦିନ ମାନସିକଧାରୀ ନିଷ୍ଠାର ସହିତ ବ୍ରତ ପାଳନ କରିବା ପରେ ସୋମବାର ହେଉଛି ଉଦ୍‌ଯାପନୀ ଦିବସ। ଏହି ଦିନ ଭୋଗତାମାନେ ଡଙ୍ଗା ମଧ୍ୟରେ ଠାକୁରଙ୍କୁ ଧରି ଦୟା ନଦୀ ଗର୍ଭରେ ଚାପ ଖେଳିଥା'ନ୍ତି। ବାଜା, ବାଣ, ହରିବୋଲ, ହୁଳହୁଳି ସହିତ ଝୁଣାର ମହକରେ ଅଞ୍ଚଳ କମ୍ପି ଉଠିଛି। ଚାପ ଖେଳ ଶେଷ କରିବା ପରେ ଠାକୁରଙ୍କୁ ଧରି ଗ୍ରାମ ପରିକ୍ରମା କରାଯାଇଥାଏ। କଳାପଦର ଏବଂ ଗୋପୀନାଥପୁର ଗ୍ରାମବାସୀମାନେ ପ୍ରଭୁ ଗ୍ରାମେଶ୍ୱରଙ୍କୁ ପାଛୋଟି ନେବା ସମୟରେ ଘଣ୍ଟଘଣ୍ଟା, ଦୁଲଦୁଲି ବାଦ୍ୟ ସାଙ୍ଗକୁ ଚଇତି ଘୋଡ଼ା ନୃତ୍ୟରେ ପୂରା ଗାଁ ଉତ୍ସବ ମୁଖରିତ ହୋଇ ଉଠିଥିଲା। ମାନ ଅଭିମାନକୁ ଭୁଲି ଅଞ୍ଚଳବାସୀ ଏହି ପର୍ବକୁ ଏକ ଭାଇଚାରାର ପର୍ବ ରୂପେ ଦୀର୍ଘ ୨୦୦ ବର୍ଷରୁ ଅଧିକ ହେବ ପାଳନ କରି ଆସୁଥିବାବେଳେ ଏହାକୁ ଦେଖିବା ପାଇଁ କାହିଁ କେଉଁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ।

# ୨ କାର୍, ୧୪୪ କେଜି ଗଞ୍ଜେଇ ଜବତ; ୪ ଗିରଫ

ନୟାଗଡ଼,୧୩।୪(ସମିସ)



ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଦେଇ ପ୍ରତ୍ୟେକ ଗଞ୍ଜେଇ ଚାଲାଣ ହେଉଛି। ଗଞ୍ଜେଇ ଚାଲାଣରେ ବହୁ ଦାମୀ ଗାଡ଼ି ବ୍ୟବହୃତ ହେଉଛି। ମହିଳା ଓ ନାବାଳକଙ୍କୁ ଗଞ୍ଜେଇ ଚାଲାଣରେ ଅସ୍ତ୍ର କରାଯାଉଛି। ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ରବିବାର ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ଗଞ୍ଜେଇ ବୋଝେଇ ଗାଡ଼ି ଧରାଯାଇଛି।

ଏହା ସହିତ ୧୪୪ କେଜି ଗଞ୍ଜେଇ ଜବତ ହୋଇଛି। ୪ ଜଣଙ୍କୁ ଗିରଫ କରାଯାଇଛି। ନୟାଗଡ଼ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ନୂଆଗାଁ ଥାନା ଅନ୍ତର୍ଗତ ମହିପୁର ଛକରୁ ଭୋର ସମୟରେ ଏକ ଡିଜାୟାର କାର ଧରାଯାଇଥିଲା। କାରରେ ୬୦ କେଜି ଗଞ୍ଜେଇ ଥିଲା। ଏହି ଘଟଣାରେ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଭାଲୁର ଗାଁର ବିପ୍ରଚରଣ ଦିଗାଲ ଏବଂ ବୁଲୁ ଦିଗାଲଙ୍କୁ ଗିରଫ କରିଛି। ସେହିଭଳି ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ନେତୃତ୍ୱରେ ବାଣିଗୋଛା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରୁ ଭୋର ସମୟରେ ଏକ ହାରିଅର ଗାଡ଼ି ଜବତ କରାଯାଇଛି। ଗାଡ଼ିରେ ୮୪ କେଜି ଗଞ୍ଜେଇ ବୋଝେଇ ହୋଇ ଯାଉଥିଲା। ଏହି ଘଟଣାରେ ଏକ ମାମଲା ରୁଜୁ କରି ଗାଡ଼ିରେ ଥିବା ଦୁଇ ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଲେଦୁପଦର ଗ୍ରାମର ପ୍ରଶାନ୍ତ ଦିଗାଲ ଏବଂ ମଝିପଡ଼ା ଗ୍ରାମର ସମ୍ରାଟ ଦିଗାଲକୁ ଗିରଫ କରାଯାଇଛି। ଦୁଇ ମାମଲାର ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ରସୁଲଗଡ଼ ମାଫିଆ, ଫସିଲେ ଡ୍ରାଇଭର ଓ ହେଲପର

**ନୟାଗଡ଼,୧୩।୪(ସମିସ):** ନୟାଗଡ଼ ଅବକାରୀ ବିଭାଗ ଦ୍ୱାରା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରୁ ଧରାପଡ଼ିଥିବା ଦୁଇଟି ଗଞ୍ଜେଇ ବୋଝେଇ ଗାଡ଼ି ଭୁବନେଶ୍ୱର ଅଞ୍ଚଳର ଜଣେ ମାଫିଆର ବୋଲି ସୂଚନା ମିଳିଛି। ମାଫିଆ ଜଣଙ୍କ ଗାଡ଼ି ଦୁଇଟି କନ୍ଧମାଳ ଆଣି ମାଲ ବୋଝେଇ କରିବା ପରେ ସ୍ଥାନୀୟ ଲୋକଙ୍କୁ ମୋହରା ବନାଇଥିବା ଜଣାପଡ଼ିଛି। ଗାଡ଼ି ଭୁବନେଶ୍ୱରରେ ପହଞ୍ଚାଇବା ପାଇଁ ଡ୍ରାଇଭରକୁ ୨୦ ହଜାର ଏବଂ ହେଲପରକୁ ୧୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରଲୋଭିତ କରାଯାଇଥିଲା। ଟଙ୍କା ପାଇଁ ସ୍ଥାନୀୟ ଯୁବକମାନେ ଏଭଳି କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି। ଗଞ୍ଜେଇ ଓ ଗାଡ଼ି ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରାପ୍ୟ ମିଳିଥାନ୍ତା। କିନ୍ତୁ ଅଧବାଟରେ ଧରାପଡ଼ି ଏବେ ୪ ଅଭିଯୁକ୍ତ ଜେଲ ଯାଇଥିବା ବେଳେ ମାଫିଆ ଆରାମରେ ବୁଲୁଛି। ଅବକାରୀ ବିଭାଗ ବିଭିନ୍ନ ସମୟରେ ଗାଡ଼ି ଓ ଗଞ୍ଜେଇ ଜବତ କରୁଥିବା ବେଳେ ପ୍ରକୃତ ମାଫିଆ ପାଖରେ ପହଞ୍ଚି ପାରୁନାହିଁ।

## ଆଜିଠୁ ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରା

**ନୟାଗଡ଼,୧୩।୪(ସମିସ):** ନୟାଗଡ଼ର ଆରାଧ୍ୟ ଦେବୀ ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରା ୧୪ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତ ଦକ୍ଷିଣକାଳୀଙ୍କ ମୁଖ୍ୟ ପର୍ବ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ପଣାଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମାନସିକ ବାଣ ଫୁଟାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ଉତ୍ସବମୁଖର ହୋଇଛି ନୟାଗଡ଼ ପୁରୁଣାସହର। ଏହି ପୀଠରେ ବାରମାସରେ ତେର ପର୍ବ ପାଳନ କରାଯାଏ। ପ୍ରତ୍ୟେକ ବର୍ଷ ପଣା ସଂକ୍ରାନ୍ତିରେ ଏଠାରେ ବଡ଼ ମେଳା ଅନୁଷ୍ଠିତ ହୁଏ। ମେଳାରେ ମାନସିକଧାରୀମାନେ ଗଛ ବାଣ ଲଗାଇଥାନ୍ତି। ମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଏ ଏବଂ ଅପେରା, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଚଳିତ ବର୍ଷ ପଣାଯାତ୍ରା ୧୪ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପରମ୍ପରା ଅନୁସାରେ, ପଣାସଂକ୍ରାନ୍ତି ଅପରାହ୍ନରେ ଭକ୍ତଙ୍କ ପାଇଁ ମନ୍ଦିର ତରଫରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ଶହ ଶହ ଭକ୍ତଙ୍କ ଦ୍ୱାରା ଦାନ ହୋଇଥିବା ମାନସିକ ବାଣ ଲଗାଯିବ। ୧୬ ତାରିଖରୁ ୨୦ ତାରିଖ ମାଗଣା ଅପେରା ପରିବେଷଣ କରାଯିବ। ୧୯ ତାରିଖ ପ୍ରସାଦ ସେବନ ହେବ ବୋଲି ପରିଚାଳନା କମିଟି ସଭାପତି ପ୍ରମୋଦ ପଟ୍ଟନାୟକ ସୂଚନା ଦେଇଛନ୍ତି।



- ମାନସିକ ବାଣ ପାଇଁ ବ୍ୟାପକ ପ୍ରସ୍ତୁତି
- ୫ ଦିନ ଧରି ମାଗଣା ଅପେରା ବ୍ୟବସ୍ଥା

## ସେମିଫାଇନାଲରେ ଦେଓଗାଁ

**ଓଡ଼ଗାଁ,୧୩।୪(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ପ୍ରଥମ ୨୦ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ ସୋମବାର ମଶାବାରୀ ଓ ଦେଓଗାଁ ଦଳ ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଦେଓଗାଁ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଦେଓଗାଁ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ ହରାଇ ୧୧୧ ରନ୍ କରିଥିଲା। ଜବାବରେ ମଶାବାରୀ ଦଳ ୧୨ ଓଭରରେ ୬ ଉଇକେଟ ହରାଇ ମାତ୍ର ୭୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳର ରିତିକ "ମ୍ୟାନ ଅଫ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଆରଏଏର ଭେଟେରାନ ଖେଳାଳି ଉମାକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜଶେଖର, ରାମେଶ୍ୱର ସାହୁ, ବିକାଶ, ଲିଟି, ସାଇ, ସୌମ୍ୟରଞ୍ଜନ ଓ ସୁନୀଲ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ୪୫ ଗ୍ୟାସ୍ ସିଲିଣ୍ଡର ଜବତ

**ଓଡ଼ଗାଁ,୧୩।୪(ସମିସ):** ଓଡ଼ଗାଁ ଥାନା କୁରାଳ ଅଞ୍ଚଳରେ ଓଡ଼ଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ଦୁଇ ସ୍ଥାନରୁ ୪୩ଟି ଘରୋଇ ଓ ୨ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ବିଡିଓ ପ୍ରୀତିବାଳା ରଣାଙ୍କ ନେତୃତ୍ୱରେ ଯୋଗାଣ ନିରୀକ୍ଷକ ମଳୟ ମେହେର, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ ଏବଂ ଓଡ଼ଗାଁ ଥାନା ଏସ୍‌ଆଇ ଚକ୍ରଧର ସିଂ ପୁଲିସ ଫୋର୍ସ ସହ କୁରାଳ ପାଇକେରା ସାହି ଓ ବେଙ୍ଗେଇ ସାହିରେ ଚଢ଼ଉ କରିଥିଲେ। ପାଇକେରା ସାହିର ଜ୍ୟୋତିରଞ୍ଜନ ସାହୁଙ୍କ ଘରୁ ୩୫ଟି ଘରୋଇ ସିଲିଣ୍ଡର ଜବତ ହୋଇଥିବା ବେଳେ ବେଙ୍ଗେଇ ସାହିର ଶିବଶଙ୍କର ପୃଷ୍ଟିଙ୍କ ଘରୁ ୮ଟି ଘରୋଇ ଓ ୨ଟି ବ୍ୟବସାୟିକ ସିଲିଣ୍ଡର ଜବତ କରାଯାଇଛି। ସମସ୍ତ ସିଲିଣ୍ଡରକୁ ରୋହିବାଙ୍କ ଚନ୍ଦ୍ରମା ଗ୍ୟାସ୍ ଏଜେନ୍ସି ଜମା ଦିଆଯାଇଛି।



## ବେତକଣ୍ଟାରେ ଗଡ଼ିଲେ ଦଣ୍ଡୁଆ

**ଭାପୁର,୧୩।୪(ସମିସ):** ଦଣ୍ଡଯାତ୍ରାର ଅନ୍ତିମ ଦିବସ ପୂର୍ବରୁ ମେରୁପର୍ବ ପାଳିତ ହୋଇଥାଏ। ମେରୁପର୍ବରେ ଦଣ୍ଡୁଆମାନେ ବେତକଣ୍ଟାରେ ଗଡ଼ିଥାନ୍ତି। ଫତେଗଡ଼ କାଳିକା ମନ୍ଦିର ସମ୍ମୁଖରେ ପାଟ ଦଣ୍ଡୁଆ ଆରତ ଦେହୁରୀଙ୍କ ନେତୃତ୍ୱରେ ମା' କାଳିକାଙ୍କ ସାତ ଭଉଣୀଙ୍କ ପାଟଦଣ୍ଡୁଆମାନେ ପ୍ରଥମେ ବେତ କଣ୍ଟାରେ ଗଡ଼ିବା ପରେ ଅନ୍ୟ ୭୦ ଦଣ୍ଡୁଆ ବେତ କଣ୍ଟାରେ ଗଡ଼ିଥିଲେ। ବେତକଣ୍ଟାରେ ଗଡ଼ିବା ପୂର୍ବରୁ ପାଟଦଣ୍ଡୁଆମାନେ ନିଜ ଜଙ୍ଘରୁ ରକ୍ତ ଦେଇ ପୂଜା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଯୁବକ ସଂଘର ଶତାଧିକ ସଦସ୍ୟ ସହଯୋଗ କରିଥିଲେ। ଯୁବକମାନେ ଭକ୍ତଙ୍କୁ ଦହିପଣା ବଣ୍ଟନ କରିଥିଲେ। ସେହିପରି ବିଜିପୁର ଗ୍ରାମ କାଳିକା ଠାକୁରାଣୀଙ୍କ ଦଣ୍ଡୁଆମାନେ ଭଇଚ କଣ୍ଟାରେ ଗଡ଼ିଥିଲେ। ଏ ଉପଲକ୍ଷେ ବିଜିପୁର ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ କଣ୍ଟାଗଡ଼ା ଯାତ୍ରା ଆୟୋଜିତ ହୋଇଥିଲା।



## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଗଣିଆ,୧୩।୪(ସମିସ):** ଗୋପାଳପ୍ରସାଦ ବୁଲାଣିରେ ପୁଣି ଘଟିଛି ଦୁର୍ଘଟଣା। ଏଥିରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଗଣିଆ ବ୍ଲକ ରାଜିଙ୍ଗି ଗ୍ରାମର ଭାବଗ୍ରାହୀ ବେହେରାଙ୍କ ପୁଅ ଭାଗୀରଥି ବେହେରା। ସୋମବାର ଅପରାହ୍ନ ୪ଟାରେ ଭାଗୀରଥି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଗୋପାଳପ୍ରସାଦ ବୁଲାଣିଠାରେ ଭାରସାମ୍ୟ ହରାଇ ଏକ ଆମ୍ବ ଗଛରେ ଧକ୍କାହୋଇ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗଣିଆ ମେଡିକାଲ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଣିଆ ଥାନା ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବା ବେଳେ ପ୍ରଶାସନ ଚୁପ୍ ବସିଥିବାକୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଛେନାପୋଡ଼କୁ ମିଳିବ ଜିଆଇ ଟ୍ୟାଗ୍ !

**ନୟାଗଡ଼,୧୩।୪(ସମିସ):** ନୟାଗଡ଼ ମାଟିରୁ ଆରମ୍ଭ ହୋଇଥିବା ଛେନାପୋଡ଼କୁ ମିଳିବ ଜିଆଇ ଟ୍ୟାଗ। ଏନେଇ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ଆସନ୍ତା ମେ ୨୮ ଓ ୨୯ ତାରିଖ ବୈଠକ ପରେ ବିଧିବଦ୍ଧ ଘୋଷଣା ହେବ ବୋଲି ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୨୩ ମାର୍ଚ୍ଚ ୨୦ରୁ ଏ ନେଇ ଆବେଦନ କରାଯାଇଛି। ସାଂସଦ ସମ୍ବିତ ପାତ୍ରଙ୍କ ଚିଠି ପାଇବା ପରେ କେନ୍ଦ୍ରମନ୍ତ୍ରୀ ଚିଠି ମାଧ୍ୟମରେ ଜିଆଇ ବୈଠକ ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଆଇ ଟ୍ୟାଗ ମିଳିବା ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉତ୍ପତ୍ତିସ୍ଥଳ ସଠିକ ରୂପେ ନିରୂପଣ କରାଯାଇପାରେ। ଛେନାପୋଡ଼ ପ୍ରଥମେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳର ସୁଦର୍ଶନ ସାହୁ ପ୍ରସ୍ତୁତ କରିଥିଲେ। ସେ ନୟାଗଡ଼ କଚେରି ନିକଟରେ ଏକ ଛୋଟ ମିଠା ଦୋକାନ କରିଥିଲେ। ଏହି ଛେନାପୋଡ଼ ନୟାଗଡ଼ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିବା ସହ ସାରା ରାଜ୍ୟରେ ମିଠା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଛେନାପୋଡ଼କୁ ସ୍ମରଣୀୟ କରିବା ପାଇଁ ଛେନାପୋଡ଼ ନିର୍ମାତା ସୁଦର୍ଶନ ସାହୁଙ୍କ ଜୟନ୍ତୀରେ ୨୦୨୨ ଏପ୍ରିଲ ୧୧ରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇ ଆସୁଛି। ପ୍ରତିବର୍ଷ ଏହା ପାଳନ କରିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ୨୦୨୩ରେ ପ୍ରଥମ କରି ଏହାକୁ ସରକାରୀ ସ୍ତରରେ ପାଳନ କରାଯାଇଥିଲା। ତତ୍କାଳୀନ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶରେ ସମସ୍ତ ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା। ଚଳିତ ବର୍ଷ ଛେନାପୋଡ଼ ଦିବସକୁ ବିଶ୍ୱର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ପୂର୍ବରୁ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଅଞ୍ଚଳରୁ ଉତ୍ପାଦିତ କଣ୍ଟେଇ ମୁଣ୍ଡି ବାଇଗଣକୁ ଜିଆଇ ମାନ୍ୟତା ମିଳିଛି। ଛେନାପୋଡ଼ ଜିଲ୍ଲାର ଦ୍ୱିତୀୟ ଦ୍ରବ୍ୟ ଭାବେ ଜିଆଇ ମାନ୍ୟତା ପାଇଲେ ଜିଲ୍ଲାବାସୀଙ୍କ ଆଶା ସଫଳ ହେବ।

## ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ପରିସରରୁ ଶାଳଗଛ ଚୋରି

**ଖଣ୍ଡପଡ଼ା,୧୩।୪(ସମିସ):** ଖଣ୍ଡପଡ଼ା ସହରାଞ୍ଚଳରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରୁ କିଛିଦିନ ତଳେ ମାଫିଆମାନେ ଏକ ବୃହତ ଶାଳଗଛ କାଟି ଲୁଟି ନେଇଛନ୍ତି। ଉକ୍ତ ଶାଳଗଛ ଦୀର୍ଘ ମାସ ହେଲା ଶୁଖି ଛିଡ଼ା ହୋଇଥିଲା। ଏହାର ସୁଯୋଗ ନେଇ ମାଫିଆମାନେ ଗଛକୁ କାଟି ନେବାରେ ସକ୍ଷମ ହୋଇଥିବା ବେଳେ ଏ ସମ୍ପର୍କରେ ପ୍ରଶାସନର ନିରବତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବେଳେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଏହାର ବିକାଶ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ମାତ୍ର ପର୍ଯ୍ୟଟନସ୍ଥଳୀ ପରିସରରେ ସେଭଳି କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ସେଠାରୁ ମୂଲ୍ୟବାନ ସାମଗ୍ରୀ ଚୋରି ହେବାର ଅନେକ ନଜିର ରହିଛି। ଏବେ ସେଠାରୁ ମୂଲ୍ୟବାନ ମହାଦ୍ରୁମ ଶାଳଗଛକୁ ମାଫିଆମାନେ କାଟି ଲୁଟି ନେଇଥିବା ଜଣାପଡ଼ିଛି। ଏ ଦିଗରେ ଏନଏସି କର୍ତ୍ତୃପକ୍ଷ ଓ କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ ଚୋରି ହୋଇଥିବା ଏହି ଶାଳଗଛର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଅଧିକ ଟଙ୍କା ହେବ।



## ବଡ଼ସିଲିଙ୍ଗା ପଞ୍ଚାୟତ ସମସ୍ୟା ସମ୍ପର୍କରେ ଆଲୋଚନା

**ଗଣିଆ,୧୩।୪(ସମିସ):** ଗଣିଆ ବ୍ଲକ ସଭାଗୃହରେ ବଡ଼ସିଲିଙ୍ଗା ପଞ୍ଚାୟତର ବରିଷ୍ଠ ନାଗରିକ ତଥା ଲୋକପ୍ରତିନିଧିଙ୍କୁ ନେଇ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଡିଓ ଲବଣ୍ୟେନ୍ଦୁ ମହାନ୍ତି, ଏବିଡିଓ ରତନଲାଲ ଲୋହରା, ସିଡିପିଓ ଉଷାରାଣୀ ସାହୁ, ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ ଇତିଶ୍ରୀ ଦାସ, କନିଷ୍ଠ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ର, ଯୋଗାଣ ଅଧିକାରୀ, ପଞ୍ଚାୟତ ଅଧିକାରୀ ମଞ୍ଚାସୀନ ଥିଲେ। ପଞ୍ଚାୟତରେ ରାସ୍ତାଘାଟରୁ ଆରମ୍ଭ କରି ପାନୀୟ ଜଳ ପର୍ଯ୍ୟନ୍ତ ସମସ୍ତ ସମସ୍ୟା ସମ୍ପର୍କରେ ବିଡିଓ ଆଲୋଚନା କରିଥିଲେ। ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୩ ବର୍ଷ ହେବ ବସାଗଣ୍ଡ ଓ ସିଲଟି ସେତୁ ଟେଣ୍ଡର ସରିଥିଲେ ମଧ୍ୟ କାର୍ଯ୍ୟ ହୋଇନାହିଁ। ସଲପଗଣ୍ଡା ରାସ୍ତା ଅବସ୍ଥା ଶୋଚନୀୟ। ନେଟୱର୍କ ନ ଥିବାରୁ ରାସନ ସାମଗ୍ରୀ ପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି। ବଡ଼ସିଲିଙ୍ଗା ମେଡିକାଲରେ ଡାକ୍ତର ନ ଥିବା ବେଳେ ଏଏନ୍‌ଏମ୍ ଓ ସ୍ୱାସ୍ଥ୍ୟକର୍ମୀ ସପ୍ତାହକୁ ଥରେ ଯାଇ ସ୍ୱାସ୍ଥ୍ୟସେବା ଦେଖୁଛନ୍ତି। ଅନେକ ଗ୍ରାମରେ ବିଦ୍ୟୁତ ନ ଥିବା ଲୋକେ ଅଭିଯୋଗ କରିଥିଲେ। ପୋଷ୍ଟ ଅଫିସ ବୋର୍ଡ ଲାଗିଛି ହେଲେ କାର୍ଯ୍ୟ କରୁନାହିଁ। ବ୍ଲକ ପ୍ରଶାସନ ଦ୍ୱାରା ସମ୍ଭବ କାର୍ଯ୍ୟଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ବିଡିଓ ପ୍ରତିଶ୍ରୁତି ଦେବାସହ ଅନ୍ୟ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ଏପରିକି ପ୍ରତି ମାସରେ ପଞ୍ଚାୟତ ସମ୍ପର୍କରେ ରିଭ୍ୟୁ ବୈଠକ କରିବାକୁ ସେ ଜଣାଇଛନ୍ତି।



## ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ

**ଓଡ଼ଗାଁ,୧୩।୪(ସମିସ):** ଓଡ଼ଗାଁ କୋମଣ୍ଡ ରାଜସ୍ୱ ଅଞ୍ଚଳରୁ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ କରାଯାଉଥିବା ବେଳେ ଓଡ଼ଗାଁ ଥାନା ପୁଲିସ ଏକ ଟ୍ରାକ୍ଟର ଜବତ କରିଛି। ଲଘୁ ଖଣିଜ ସମ୍ପଦ ଲୁଟ୍ ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆଇନଗତ ପ୍ରକ୍ରିୟା ପରେ ଟ୍ରାକ୍ଟର ଚାଳକଙ୍କୁ ଛାଡ଼ି ଦିଆଯାଇଛି। କୋମଣ୍ଡ ଅଞ୍ଚଳରୁ ପ୍ରତିରାତି ବିପୁଳ ମାଙ୍କଡ଼ା ପଥର ବେଆଇନ ଭାବେ ଚାଲାଣ ହେଉଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

■ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡରେ ୬ ଗୁରୁତର ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ମୃତ୍ୟୁ

**ରଣପୁର,୧୩।୪(ସମିସ):** ରଣପୁର ଏନ୍‌ଏସି ଦାଣ୍ଡସାହିର ମଣ୍ଟୁ ପ୍ରହରାଜଙ୍କ ଘରେ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ପରିବାରର ୬ଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କ ଚିକିତ୍ସା ଚାଲିଥିବା ବେଳେ ସୋମବାର ସକାଳେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଣ୍ଟୁଙ୍କ ଶାଶୂ ଗୀତାଞ୍ଜଳି ମହାନ୍ତି। ଘରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ ଲିକ୍ ହୋଇ ସମ୍ପୂର୍ଣ୍ଣ ଘରେ ନିଆଁ ବ୍ୟାପିଯାଇଥିଲା। ଫଳରେ ପରିବାରର ସମସ୍ତ ସଦସ୍ୟ ପୋଡ଼ି ହୋଇଯାଇଥିଲେ। ସମସ୍ତଙ୍କୁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍‌ସ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଘରକୁ କୁଣିଆ ହୋଇ ଆସିଥିବା ମଣ୍ଟୁଙ୍କ ଶାଶୂ ତଥା କଟକ ପାଟପୁରର ଗୀତାଞ୍ଜଳିଙ୍କ ମୃତ୍ୟୁ ହୋଇଛି। ମଣ୍ଟୁ ମଧ୍ୟ ସଙ୍କଟାପନ୍ନ ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସନ୍ତୋଷ ପ୍ରହରାଜ ଓ ଅନ୍ୟମାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ଏଣେ ଭାରତ ଗ୍ୟାସ କମ୍ପାନୀର କର୍ମଚାରୀମାନେ ଘରକୁ ଆସି ନିଆଁ ଲାଗିବାର କାରଣ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରୁଛନ୍ତି।

## ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର

**ନୟାଗଡ଼,୧୩।୪(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାନୀଳିମା ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୬୦ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ, ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୩ଟି ଅଭିଯୋଗ ଆସିଥିଲା। ୨୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଶିବିରରେ ନୂଆଗାଁ ବ୍ଲକ ଓ ତହସିଲ ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଅନୁଦାନ ସମ୍ପର୍କ ଅଭିଯାନ

**ନୟାଗଡ଼,୧୩।୪(ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସମଗ୍ର ରାଜ୍ୟରେ ସୋମବାରଠାରୁ "ଅନୁଦାନ ସମ୍ପର୍କ ଅଭିଯାନ' ଆରମ୍ଭ କରାଯାଇଛି। ନୟାଗଡ଼ ଜିଲ୍ଲା ଶାଖା ତରଫରୁ ବାଚସ୍ପତି ତଥା ରଣପୁର ବିଧାୟିକାଙ୍କୁ ସାକ୍ଷାତ କରି ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁପାରିସପତ୍ର ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ହୋଇ ଶୀଘ୍ର ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଶିକ୍ଷକଙ୍କ ଦାବିକୁ ଅନୁଶୀଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉଚ୍ଚସ୍ତରୀୟ କମିଟି ଘୋଷଣା କରିଥିଲେ। ଉକ୍ତ କମିଟି ସଂଘ ସହ ଦୁଇଥର ଆଲୋଚନା କରି ଶୀଘ୍ର ସୁପାରିସ ପାଇଁ ପ୍ରତିଶ୍ରୁତି ଦେଇଥିଲା। ଇତିମଧ୍ୟରେ କମିଟି ଗଠନ ହେବାର ଚାରି ମାସ ଓ ସଂଘ ସହ ଆଲୋଚନା ଦୁଇ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ସଂଘର ନିଷ୍ପତ୍ତି କ୍ରମେ ଅନୁଦାନ ସମ୍ପର୍କ ଅଭିଯାନ ଆରମ୍ଭ କରାଯାଇଛି। ସଂଘର ନୟାଗଡ଼ ଜିଲ୍ଲା ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାର ବ୍ୟବସ୍ଥା ପ୍ରମୁଖ ସୁଚିସ୍ମିତା ମିଶ୍ର, ବିଭିନ୍ନ ଖଣ୍ଡର ସଂଯୋଜକ ଜାନକୀ ବଲ୍ଲଭ ବଳିଆରସିଂହ, ରିଙ୍କୁ କିଶୋର ସାହୁ, ସ୍ମୃତିରଞ୍ଜନ ମାନସିଂଙ୍କ ସହ ବହୁ ଅଧ୍ୟାପକ କର୍ମଚାରୀ ଯୋଗଦେଇଥିଲେ।



# ଓଡ଼ିଆ ପକ୍ଷ: ପାରମ୍ପରିକ ଖାଦ୍ୟ ମେଳା

ଗଣିଆ,୧୩।୪(ସମିସ)

ଗଣିଆ ବ୍ଲକ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରାଜକିଶୋର ସାହୁ, ଏବିଡିଓ ରତନଲାଲ ଲୋହରା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ବିଏଲସି ସୁନିତା ମହାରଣା, ବିପିଏମ ଅମ୍ବିକା ପ୍ରସାଦ ମିଶ୍ର, ବିପିସି ପ୍ରଭାକର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ୫୦ରୁ ଅଧିକ ପ୍ରକାରର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା।

**ଓଡ଼ଗାଁ:** ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ପାରମ୍ପରିକ ଓ ପୌଷ୍ଟିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ବିଶେଷ କରି ମାଣ୍ଡିଆରୁ ପ୍ରସ୍ତୁତ ୩୦ରୁ ଅଧିକ ପ୍ରକାର ଖାଦ୍ୟ ଆକର୍ଷଣ କେନ୍ଦ୍ର ହୋଇଥିଲା। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ପ୍ରୀତିବାଳା ରଣା, ଯୋଗାଣ ନିରୀକ୍ଷକ ମଳୟ ମେହେର ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଶ୍ୱଜିତ ଜେନା ପ୍ରଦର୍ଶନୀ ବୁଲି ଖାଦ୍ୟର ସ୍ୱାଦ ଅନୁଭବ କରିଥିଲେ। ଓଡ଼ଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ ଓ ଓଡ଼ଗାଁ ଥାନା ଏସଆଇ ଚକ୍ରଧର ସିଂ ମଧ୍ୟ ଖାଦ୍ୟ ସ୍ୱାଦ ପରୀକ୍ଷା କରିଥିଲେ। ବ୍ଲକ ଜୀବିକା ମିଶନ ସଂଯୋଜକ ସୂରଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରବିନାରାୟଣ ବରାଡ଼, ସମୀର ରଞ୍ଜନ ମହାପାତ୍ର, ଅରୁଣ କୁମାର ପାତ୍ର ଓ ସୁକାନ୍ତି ପ୍ରଧାନ ସହଯୋଗ କରିଥିଲେ।



**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ' ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୩୨ଟି ସ୍ୱୟଂ ସହାୟକ ଗୋଷ୍ଠି ଭାଗ ନେଇଥିଲେ।

ମୁଖ୍ୟଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ବିଡିଓ ଅଙ୍କୁର ଅଭିଳାଷ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏସଡିପିଓ ମଦନ ମୋହନ ପ୍ରଧାନ, କଟକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସ୍ଥାନୀୟ ସରପଞ୍ଚ କିରଣବାଳା ସାହୁ, ସମିତିସଭ୍ୟ ନିର୍ମଳ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ପୋଗ୍ରାମ ଅଫିସର ଆଲୋକ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

